ଭାରତୀୟ କ୍ରିକେଟ୍ ପ୍ରତି ଦୁଇ ପୂର୍ବତନ ଅଧିନାୟକଙ୍କ ଅବଦାନକୁ ରାଜପୁତଙ୍କ ପ୍ରଶଂସା

# ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି ସୌରଭ ଓ ମାହି




ନୂଆଦିଲ୍ଲୀ,୨୯।୬/ଏଜେନ୍ସି: ଭାରତୀୟ କ୍ରିକେଟ୍‌ର ଦୁଇ ଜଣ ସଫଳ ଅଧିନାୟକ ସୌରଭ ଗାଙ୍ଗୁଲି ଓ ମହେନ୍ଦ୍ର ସିଂହ ଧୋନି ଖେଳାଳିଙ୍କ ମାନସିକତାରେ ଦୃଢ଼ତା ଭର୍ତ୍ତି କରିବା ସହ ପ୍ରତିପକ୍ଷ ଉପରେ ଭାରୀ ପଡ଼ିବାର କୌଶଳ ଶିଖାଇଛନ୍ତି। ବିଶେଷକରି ପଡ଼ିଆରେ ଆକ୍ରମଣାତ୍ମକ ପ୍ରଦର୍ଶନର ଅୟମାରମ୍ଭ କରିଥିବା ସୌରଭ ତାଙ୍କର ନେତୃତ୍ୱ ନେବାର ସ୍ୱତନ୍ତ୍ର ଶୈଳୀ ପାଇଁ ଅନ୍ୟ ଅଧିନାୟକଙ୍କଠାରୁ ଢେର୍ ଉପରେ ରହିଛନ୍ତି। ସୌରଭ ଦେଶର ପ୍ରତିଭାଶାଳୀ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେଇଥିବା ବେଳେ ଧୋନି ସେମାନଙ୍କ ମନରେ ଆତ୍ମବିଶ୍ୱାସକୁ ଅଧିକ ଦୃଢ଼ କରିପାରିଛନ୍ତି ବୋଲି ଟିମ୍ ଇଣ୍ଡିଆର ପୂର୍ବତନ ମ୍ୟାନେଜର୍ ଲାଲଚାନ୍ଦ ରାଜପୁତ କହିଛନ୍ତି। ଭାରତ ୨୦୦୭ରେ ପ୍ରଥମ ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ୍ ହେବା ବେଳେ ଦଳ ସହ ମ୍ୟାନେଜର୍ ଭାବେ ରହିଥିବା ରାଜପୁତ ଉଭୟ ସୌରଭ ଓ ମାହିଙ୍କ ନେତୃତ୍ୱ ନେବାର ଢଙ୍ଗକୁ ପ୍ରଶଂସା କରିଛନ୍ତି। ଉଭୟ ଖେଳାଳି ଏହାଦ୍ୱାରା ଭାରତୀୟ କ୍ରିକେଟ୍‌ରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଥିବା ରାଜପୁତ କହିଛନ୍ତି। ତାଙ୍କ କହିବା କଥା, ସୌରଭ ଭାରତୀୟ କ୍ରିକେଟର୍‌ଙ୍କ ଖେଳିବା ଶୈଳୀକୁ ପରିବର୍ତ୍ତନ କରିପାରିଥିବା ବେଳେ ୨୦୦୭ରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେବା ଆରମ୍ଭ କରିଥିବା ମାହି ଏହି ଧାରାକୁ ଆଗକୁ ବଢ଼ାଇବାରେ ସକ୍ଷମ ହୋଇଥିଲେ। ବିଶେଷକରି ୨୦୦୫ରେ ଧୋନି ବିଶାଖାପାଟଣାଠାରେ ପାକିସ୍ତାନ ବିପକ୍ଷରେ ୧୪୮ ରନ୍‌ର ମାରାଥନ୍ ଇନିଂସ ଖେଳି ଖେଳାଳିଙ୍କ ମନରେ ଅଭୂତପୂର୍ବ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ସେମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଥିଲେ। ଗୋଟିଏ ପଟେ ସୌରଭ ଖେଳାଳିଙ୍କ ମନୋବଳକୁ ଦୃଢ଼ କରିଥିବା ବେଳେ ତାଙ୍କ ପରେ ନେତୃତ୍ୱ ନେବାର ସୁଯୋଗ ପାଇଥିବା ମାହି ପ୍ରତିଭାଶାଳୀ ଖେଳାଳିଙ୍କୁ ଅଧିକରୁ ଅଧିକ ମ୍ୟାଚ୍ ଖେଳାଇ ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଦେଇପାରିଛନ୍ତି ବୋଲି ଫେସ୍‌ବୁକ୍ ଲାଇଭ୍‌ରେ ଅଂଶଗ୍ରହଣ ବେଳେ ରାଜପୁତ କହିଛନ୍ତି।

ମାହି ଭାରତୀୟ ଦଳର ଅଧିନାୟକ ହେବା ପୂର୍ବରୁ ସୌରଭ, ରାହୁଲ୍ ଦ୍ରାବିଡ ଓ ଅନିଲ କୁମ୍ବଲେଙ୍କ ନେତୃତ୍ୱରେ ଖେଳିବାର ଅଭିଜ୍ଞତା ପାଇଥିଲେ। ତେଣୁ ତାଙ୍କ ନେତୃତ୍ୱ ଶୈଳୀ ସୌରଭ ଓ ଦ୍ରାବିଡଙ୍କ ଶୈଳୀ ସମାହାର। କାରଣ ସୌରଭ ଜଣେ ଆକ୍ରମଣାତ୍ମକ ଅଧିନାୟକ ଥିବା ବେଳେ ଦ୍ରାବିଡ ଚିନ୍ତାଶୀଳ ଥିଲେ। ଧୋନିଙ୍କ ପରି ଜଣେ ଧୀରଚିତ୍ତ ଅଧିନାୟକ ବିଶ୍ୱରେ ବିରଳ। ପଡ଼ିଆରେ ଜଣେ ଅଧିନାୟକ ଭାବେ ସେ ତ୍ୱରିତ ନିଷ୍ପତ୍ତି ନେବାରେ ସକ୍ଷମ ହୋଇଥିବା ବେଳେ ସେ ଜଣେ ଚିନ୍ତାଶୀଳ କ୍ୟାପଟେନ୍ ବୋଲି ରାଜପୁତ କହିଛନ୍ତି। ସୂଚନାଯୋଗ୍ୟ ଯେ ଧୋନିଙ୍କ ଅମଳରେ ଭାରତ ୩ଟିଯାକ ଆଇସିସି ଟୁର୍ଣ୍ଣମେଣ୍ଟରେ ଚାମ୍ପିଅନ୍ ହେବା ସହ ପ୍ରଥମ ଥର ପାଇଁ ଟେଷ୍ଟ କ୍ରିକେଟ୍‌ରେ ଏକ ନମ୍ବର ସ୍ଥାନ ହାସଲ କରିପାରିଥିଲା। ସେହିପରି ସୌରଭଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ୧୯୮୩ ପରେ ପ୍ରଥମ ଥର ପାଇଁ ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିବା ସହ ଅନେକଗୁଡ଼ିଏ ଟ୍ରଫି ହାସଲ କରିଛି।

ନିତିଦିନ NITIDIN
Tue, Jun 30, 2020
http://odishanewsnitidin.com